# Akashvani, Sambalpur

# SAMBALPURI NEWS EVENING BULLETIN

## 5 April 2026-7.02- 7.12 pm.

---

୧- ପୂର୍ବତଟ ରେଲ୍ ଜୋନ୍ ଅଧୀନ୍‌ଥି ଥିବା ଆନ୍ଧ୍ରପ୍ରଦେଶ୍‌ର ୭ ଟା ଷ୍ଟେସନ୍‌କେ ଅପସାରଣ୍ କରାଯାଇଥିବାର୍‌ନୁ ରେଲ୍‌ବାଇ ତରଫୁ ଦିଆଗଲା ସ୍ପଷ୍ଟିକରଣ୍ ।

୨- ଖାଲି ରନ୍ଧା ଗେସ୍ କାର୍ଡ୍ ହିତାଧିକାରୀମାନେ ପାଇପାର୍‌ବେ ଗେସ୍ ସିଲିଣ୍ଡର୍ ସୁବିଧା- ଯୋଗାଣ ବିଭାଗ୍‌ର ନିଷ୍ପତି ।

୩- ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର୍ ପୁନରୁତ୍‌ଥାନ୍ ଦିବସ୍‌କେ ସୁର୍‌ତା କରିକରି ଖ୍ରୀଷ୍ଟ ଧର୍ମାବଲମ୍ବୀ ମାନେ ଆଏଜ୍ ପାଲନ୍ କରୁଛନ୍ ଇଷ୍ଟର୍ ସନ୍‌ଡେ ।

ଆଉର୍

୪- କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଧୁକାଗର୍ଡ଼ିକେ ନେଇକରି ରାଜ୍ୟର୍ ସବୁ ଜିଲ୍ଲା ଲାଗି ସତର୍କ ସୂଚ୍‌ନା ଜାରି କଲା ପାଣିପାଗ୍ କେନ୍ଦ୍ର ।

ରେଲ୍ ଜୋନ୍ ଆର୍ଏନ୍ୟୁ/ ସମ୍ବଲପୁର

ନୂଆଁକରି ତିଆର୍ ହେଇଥିବା ଦକ୍ଷିଣ ତଟ ରେଲ୍ଜୋନ୍ଥି କେତେଟା ଷ୍ଟେସନ୍ ମିଶାଯିବାର୍ ଉତ୍ରୁ ରେଲ୍ବାଇ ତର୍ଫୁ ସ୍ୱଷ୍ଟିକରଣ୍ ଦିଆଯାଇଛେ । ଆନ୍ଧ୍ରପ୍ରଦେଶର୍ ୭ ଟା ଷ୍ଟେସନ୍ ପଲାସା, ସୁମାଦେବୀ, ମାଣ୍ଡସା ରୋଡ୍, ବାରୁଭା, ସମ୍ପେଟା, ଝାଡୁପୁଡ଼ି ଆଉ ଇଛାପୁରମ୍ ରେଲ୍ଷ୍ଟେସନ୍କେ ପୂର୍ବତଟ ରେଲ୍ବାଇ ଅଧୀନ୍ନୁ ବାହାର୍ କରିକରି ଦକ୍ଷିଣ ତଟ ରେଲ୍ଜୋନ୍ଥି ସାମିଲ୍ କରାଯାଇଛେ । ରେଲ୍ବାଇର ସ୍ୱଷ୍ଟିକରଣ୍ ଅନ୍ସାରେ ବିଶାଖାପାଟ୍ନମ୍ ଡିଭିଜନ୍ଥି ଯାତ୍ରୀସେବାକେ ସୁଗମ୍ କର୍ବାର୍ ଲାଗି ଇଟା ଗୁଟେ ବୈଷୟିକ ସଂଶୋଧନ୍ ବଲି କୁହାଯାଇଛେ । ଦକ୍ଷିଣ ତଟ ରେଲ୍ଜୋନ୍ଥି ଇ ଷ୍ଟେସନ୍ ସବୁ ସାମିଲ୍ ହେବାର୍ ଉତ୍ରୁ ଭିଲ୍ ଓଡ଼ିଶା ଆଉ ଆନ୍ଧ୍ରପ୍ରଦେଶ୍ ଭିତ୍ରେ ଇହାଦେ ଚାଲୁଥିବାର୍ ପଲାସା-ଭୁବନେଶ୍ୱର୍, ପଲାସା-କଟକ୍ ଆଉ ଇଛାପୁରମ୍ - କଟକ୍ ସହେତେ ସବୁ ମେମୋ ଆଉ ଯାତ୍ରୀବାହୀ ଟ୍ରେନ୍ ସେବାଥି କେନ୍ସି ପରିବର୍ତନ୍ ନାଇଁ ହୁଏ କି ପୂର୍ବତଟ ରେଲ୍ବାଇର ରାଜସ୍ୱ ଆଦାୟଥି କେନ୍ସି ପ୍ରକାରର୍ ପ୍ରଭାବ୍

ପଡ଼୍‌ବାର୍ ସମ୍ଭାବନା ନାଇଁନ । ଇ ୭ ଟା ଷ୍ଟେସନ୍ ଖାସ୍ ଭାବେ ଯାତ୍ରୀ ପରିଚାଳନା କର୍‌ସି ଆଉ ମାଲ୍‌ପରିବହନ୍ ଷ୍ଟେସନ୍ ନୁହେଁ ବଲି ରେଲ୍‌ବାଇ ତର୍‌ଫୁ କୁହାଯାଇଛେ । ରାଏଜେ ରେଲ୍ ନେଟ୍‌ଓ୍ୱର୍କ ସମ୍ପ୍ରସାରଣ୍, ଷ୍ଟେସନ୍ ମାନ୍‌କର୍ ଆଧୁନିକୀକରଣ୍, ବନ୍ଦେ ଭାରତ୍ ସେବା ଆଉ ପୂର୍ବତଟ ରେଲ୍‌ବାଇ ଅଧୀନ୍‌ଥି ନୂଆଁକରି ହେଇଥିବା ରାୟଗଡ଼ା ଡିଭିଜନ୍‌ଥି ରେକର୍ଡ଼ ପୁଞ୍ଜିବ୍ୟୟ ଓଡ଼ିଶା ଲାଗି ରେଲ୍‌ବାଇର ପ୍ରତିବଦ୍ଧତାକେ ଦର୍ଶଉଛେ ବଲି ସ୍ପଷ୍ଟିକରଣ୍‌ଥି କୁହାଯାଇଛେ ।

ଯୋଗାଣମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗେସ୍ ଆଉ ପେଟ୍ରୋଲ୍‌ର କେନ୍‌ସି ଅଭାବ୍ ନାଇଁନ । ରନ୍ଧାଗେସ୍ କଳାବଜାରୀକେ ରୁକ୍‌ବାର୍ ଲାଗି ରାଜ୍ୟ ସର୍‌କାର୍ କଡ଼ା ପଦକ୍ଷେପ୍ ନଉଛନ୍ ବଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଖୁଲାବଜାର୍‌ଥି ଗେସ୍ ବିକ୍ରି ବନ୍ଦ୍ କରାଯାଇଥିବାର୍ ବେଲେ ୫ କେଜିଆ ଗେସ୍ ସିଲିଣ୍ଡର୍ ବିକ୍ରି ବନ୍ଦ୍ କରାଯାଇଛେ ବଲି ମନ୍ତ୍ରୀ କହିଛନ୍ । ହିତାଧିକାରୀମାନ୍‌କର୍ ଲାଗି ଇ-କେଓ୍ୱାଇସି

ବାଧ୍ୟତାମୂଲକ୍ କରାଯିବା । ରନ୍ଧା ଗେସ୍ କାର୍ଡ୍ ହିତାଧିକାରୀମାନେ ଖାଲି ଇ ସୁଯୋଗ୍ ପାଇପାର୍‌ବେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ । (ଭଏସ୍ ଓଭର୍-ଯୋଗାଣମନ୍ତ୍ରୀ)

କେବିନେଟ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ମେଡ଼ିକାଲ, ଇଞ୍ଜିନିୟରିଂ ଆଉ ଅଲ୍‌ଗା ଉଚ୍ଚଶିକ୍ଷା ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମ୍‌ଥି ଇ ଶିକ୍ଷା ବଛର୍‌ନୁ ସଂରକ୍ଷଣ୍ ନୀତି ଲାଗୁ କରାଯିବା ବଲି ଅନୂସୂଚିତ ଆଉ ଜନଜାତି ପଛୁଆବର୍ଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ରାଜ୍ୟ କେବିନେଟ୍‌ର ନିଷ୍ପତି ଉତ୍‌ରୁ ପ୍ରତିକ୍ରିୟା ରଖିକରି ମନ୍ତ୍ରୀ କହିଛନ୍, ସଂରକ୍ଷଣ୍ ବ୍ୟବସ୍ଥା ନାଁଲେଖା କ୍ଷେତ୍ରଥି ଲାଗୁ ହେବାର୍ ସହେତେ ଚାକିରୀ କ୍ଷେତ୍ରଥି ଭିଲ୍ ସଂରକ୍ଷଣ୍ ବ୍ୟବସ୍ଥା କରାଯାଇଛେ । ନବରଙ୍ଗ୍‌ପୁର୍ ଜିଲ୍ଲା ଅଣ୍ଡାଗାଁ ରୋଡ଼୍ ବାଳିକା ଉଚ୍ଚବିଦ୍ୟାଳୟ ଛକ୍ ଠାନେ ହେଇଥିବା ସ୍ୱାଗତ୍ ସମ୍ବର୍ଦ୍ଧନାଥି ଯୋଗ୍‌ଦେଇକରି ମନ୍ତ୍ରୀ ଶ୍ରୀ ଗଣ୍ଡ ଇଟା କହିଛନ୍ ।

ରାଜ୍ୟ ସର୍‌କାର୍ ଇସବୁ ପାଠ୍ୟକ୍ରମ୍ ମାନ୍‌କେ ନାଁଲେଖାବାର୍‌କେ ଅନୁସୂଚିତ ଜନଜାତି ବର୍ଗର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ୨୨

ଦଶ୍‌ମିକ୍ ୫ ପ୍ରତିଶତ୍ ଆଉ ଅନୁସୂଚିତ ଜାତି ଛାତ୍ରଛାତ୍ରୀମାନ୍‌କର୍ ଲାଗି ୧୬ ଦଶ୍‌ମିକ୍ ୨/୫ ପ୍ରତିଶତ୍‌କେ ବଢ଼େଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେବିନେଟ୍ ବୈଠକ୍‌ଥି ଇ ନିଷ୍ପତି ନିଆଯିବାର୍ ସହେତେ ସାମାଜିକ୍ ଆଉ ଆର୍ଥିକ୍ ଭାବେ ପଛୁଆ ବର୍ଗ ଛାତ୍ରଛାତ୍ରୀମାନ୍‌କର୍ ଲାଗି ୧୧ ଦଶ୍‌ମିକ୍ ୨/୫ ପ୍ରତିଶତ୍ ସଂରକ୍ଷଣ୍ ପ୍ରସ୍ତାବ୍‌କେ ଭିଲ୍ ମଞ୍ଜୁରୀ ମିଳିଛେ ।

ଓଡ଼ିଆ ପକ୍ଷ- ଗଣଦୌଡ଼ ଆର୍‌ଏନ୍‌ୟୁ/ ସମ୍ବଲପୁର/ସୁବର୍ଣ୍ଣପୁର/ବର୍‌ଗଡ୍/ବୌଦ୍ଧ

ଓଡ଼ିଶାର୍ ସାଂସ୍କୃତିକ୍ ଐତିହ୍ୟର୍ ପ୍ରଚାର୍ ପ୍ରସାର୍ କର୍‌ବାର୍ ଲାଗି ଇ ମାସ ୧ ତାରିଖ୍‌ନୁ ମୁଲ୍ ହେଇଥିବା ଓଡ଼ିଆ ପକ୍ଷର୍ ୫ ନମ୍ବର୍ ଦିନେ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଓଡ଼ିଆ ଅସ୍ମିତାକେ ଉଜ୍ଜିବିତ ରଖ୍‌ବାର୍ ଲାଗି ଗଣଦୌଡ଼ର ଆୟୋଜନ୍ କରାଯାଇଥିଲା । ଗଣଦୌଡ଼ଥି ବହୁତ୍ ସଂଖ୍ୟାଥି ଛାତ୍ରଛାତ୍ରୀ ଆଉ ଯୁଆନ୍ ବର୍ଗ ଭାଗ୍ ନେଇଥିଲେ । ଭୁବ୍‌ନେଶ୍ୱର୍‌ର ଐତିହାସିକ୍

ଏକାମ୍ର କ୍ଷେତ୍ର ନ ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍ଫୁ ଇ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମ୍ ସଖାଲର୍ ସାଢ଼େ ୫ ବଜୁ ମୁକ୍ତେଶ୍ୱର୍ ମନ୍ଦିର୍‌ନୁ ମୁଲ୍ ହେଇକରି ସହରର୍ ମୁଖିଆ ଜାଗା ମାନ୍ ଅତିକ୍ରମ୍ କରିକରି ରାଜାରାଣୀ ମନ୍ଦିର୍ ନ ପୁହୁଁଚିଥିଲା ।

ସୁବର୍ଣ୍ଣପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀଙ୍କର୍ ପୀଠନୁ ମୁଲ୍ ହେଇଥିବା ଗଣଦୌଡ଼ ସୋନ୍‌ପୁର୍ ମହାବିଦ୍ୟାଳୟ ନୁ ଶେଷ୍ ହେଇଥିଲା । କଲାହାଣ୍ଡି ଜିଲ୍ଲା ପ୍ରଶାସନ୍ ଆଉ କ୍ରୀଡ଼ା ଆଉ ଯୁବସେବା ବିଭାଗ୍‌ର ମିଲିତ୍ ସହଯୋଗ୍‌ଥି ଆୟୋଜିତ୍ ଗଣଦୌଡ଼ କାର୍ଯ୍ୟକ୍ରମ୍ ମା ମାଣିକେଶ୍ୱରୀ ମନ୍ଦିର୍‌ନୁ ବାହାରିକରି ଷ୍ଟେଚ୍ୟୁ ଛକ୍ ଦେଇକରି ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ନୁ ଶେଷ୍ ହେଇଥିଲା ।

ବର୍‌ଗଡ଼୍ ସହର୍ ନ ଜିଲ୍ଲା ପ୍ରଶାସନ୍ ତର୍ଫୁ ହେଇଥିବା ଐତିହ୍ୟ ଗଣଦୌଡ଼ ମିନିଷ୍ଟାଡ଼ିୟମ୍ ଠାନେ ସଖାଲର୍ ୭ ବଜେନୁ ମୁଲ୍ ହେଇଥିଲା । ଜିଲ୍ଲାର୍ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍‌ନୁ ପାଖାପାଖି ୫ ଶହ ଝନ୍ ଛାତ୍ରଛାତ୍ରୀ ଆଉ ଖେଲାଲି ଗଣଦୌଡ଼୍‌ଥି ସାମିଲ୍ ହେଇଥିଲେ । ବୌଦ୍ଧ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଜିଲ୍ଲା ଷ୍ଟାଡ଼ିୟମ୍ ନ ଗଣଦୌଡ଼ କାର୍ଯ୍ୟକ୍ରମ୍‌କେ ଶୁଭାରମ୍ଭ କରିଥିଲେ ।

ସହର୍ ପରିକ୍ରମା କରିଥିବା ଗଣଦୌଡ଼ଥି ସମାଜ୍‌ର ଭିନ୍ ଭିନ୍ ବର୍ଗର୍ ଲୁକେ ସାମିଲ୍ ହେଇଥିଲେ ।

ଇଷ୍ଟର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସାରା ପୁର୍‌ଥି ନ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଆଏଜ୍ ଇଷ୍ଟର୍ ସନ୍‌ଡେ ପାଲନ୍ କରୁଛନ୍ । ଖ୍ରୀଷ୍ଟଧର୍ମାବଲମ୍ବୀ ମାନ୍‌କର୍ ଲାଗି ଆଏଜ୍ ଇଟା ଗୁଟେ ଖାସ୍ ଦିନ୍ ବଲି କୁହାଯାଏସି । ଯୀଶୁଖ୍ରୀଷ୍ଟଙ୍କର୍ ପୁନରୁତ୍‌ଥାନ୍ ଦିବସ୍‌କେ ସୁର୍‌ତା କରିକରି ଇଷ୍ଟର୍ ପର୍ବ ପାଲନ୍ କରାଯାଉଛେ । ଗୁଡ୍ ଫ୍ରାଇଡ଼େ ଦିନ କାଲ୍‌ଭାରୀ ଠାନେ ଯୀଶୀଖ୍ରୀଷ୍ଟଙ୍କୁ କ୍ରୁଶବିଧ କରାଯିବାର୍ ଉତ୍‌ରୁ ରଏବାର୍ ଦିନ ତାଙ୍କର୍ ପୁନରୁତ୍‌ଥାନ୍ ହେଇଥିଲା । ଇ ଅବ୍‌ସରେ ସାରା ପୁର୍‌ଥି ନ ଗୀର୍ଜାଘର୍ ମାନ୍‌କେ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ । ଇ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟଙ୍କୁ ଶୁଭେଚ୍ଛା ଜନେଇଛନ୍ । ତାଙ୍କର୍ ବାର୍ତାଥି ରାଷ୍ଟ୍ରପତି କହିଛନ୍, ଯୀଶୁଖ୍ରୀଷ୍ଟଙ୍କର୍ ପୁନରୁତ୍‌ଥାନ୍‌କେ ସୋର୍ କରିକରି

ଆଏଜ୍ ପାଲନ୍ କରାଯାଉଥିବା ଇ ପର୍ବ ନିଃସ୍ୱାର୍ଥପର ପ୍ରେମ୍ ଆଉ ସେବାର ବାର୍ତା ଦେସି ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ୍ ଗଣମାଧମ୍ ଜରିଏ କହିଛନ୍, ଇଷ୍ଟର୍ ଲୁକ୍‌କର୍ ଭିତ୍‌ରେ ଆଶା, କରୁଣା, ଉଜ୍ଜ୍ୱଳତା ସମ୍‌କର୍ ଲାଗି ଆନନ୍ଦ ଆଉ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମିଲୁ ।

କେନ୍ଦ୍ରମନ୍ତ୍ରୀ -ଇରାନ୍ ତେଲ ଏନ୍‌ଏସ୍‌ଡି

ଇରାନ୍ ସହେତେ ୪୦ ଟା ନୁ ଅଏତ୍‌କା ଦେଶେ ଭାରତ୍ ଅଶୋଧିତ୍ ତେଲ୍ ଆମ୍‌ଦାନୀ କରୁଛେ ବଲି ପେଟ୍ରୋଲିୟମ୍ ଆଉ ପ୍ରାକୃତିକ୍ ଗେସ୍ ମନ୍ତ୍ରୀ ହର୍‌ଦୀପ୍ ସିଂ ପୁରୀ କହିଛନ୍ । ଇରାନ୍ ସହେତେ ଅଶୋଧିତ୍ ତେଲ୍ ସଂଗ୍ରହ ଲାଗି ଦେୟ ବାବଦ୍ କେନ୍‌ସି ସମସ୍ୟା ନାଇଁନ ବଲି ଶ୍ରୀ ପୁରୀ ସ୍ପଷ୍ଟ କରିଛନ୍ । ସାମାଜିକ୍ ଗଣମାଧମ୍ ପୋଷ୍ଟ୍‌ଥି ଇ ବାବଦ୍ ଅଭିଯୋଗ୍‌କେ କେନ୍ଦ୍ରମନ୍ତ୍ରୀ ଖଣ୍ଡନ୍ କରିଛନ୍ । ଦେୟ ସମସ୍ୟା ନେଇକରି ଭାରତ୍‌ର ଭାଡ଼ିନାର୍ ନୁ ଇରାନ୍‌ର ଗୁଟେ ଅଶୋଧିତ

ତୈଳବାହୀ ଜାହାଜ୍ ଚୀନ୍ ନୁ ସ୍ଥାନାନ୍ତରିତ୍ ହେଇଥିବା ବାବ୍‌ଦେ ଆଲୋଚନା ତଥ୍ୟ ଭିତିକ୍ ନୁହେଁ ବଲି ସେ କହିଛନ୍ । ଦେଶ୍‌ବାସୀଙ୍କର୍ ତେଲ୍ ଚାହିଦାକେ ସଫଲତାର୍ ସହେତେ ସୁରକ୍ଷା ଦିଆଯାଉଛେ । ଭିନ୍ ଭିନ୍ କାରଣ୍ ଲାଗି ପରିବହନ୍ ବେଲ୍‌କେ ଗତିପଥ ବଦ୍‌ଲାଯାଏସି ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପୁରୀ କହିଛନ୍ ।

ଜାତୀୟ ସାମୁଦ୍ରିକ ଦିବସ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଅର୍ଥନୈତିକ୍ ଅଭିବୃଦ୍ଧି କ୍ଷେତ୍ରଥି ସମୁଦ୍ରର ଭୂମିକା ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ଆଏଜ୍ 'ଜାତୀୟ ସାମୁଦ୍ରିକ ଦିବସ' ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବିଷୟବସ୍ତୁ ରହିଛେ 'ସାମୁଦ୍ରିକ ଭାରତ୍-ସଶକ୍ତିକରଣ୍ ପ୍ରଗତି' । ଭାରତୀୟମାନ୍‌କର୍ ମାଲିକାନାଥି ଥିବାର୍ ଏସ୍‌ଏସ୍ ଲୟାଲ୍‌ଟି ଜାହାଜ୍ ମୁମ୍ବାଇନୁ ଲଣ୍ଡନ୍ ତକ୍ ପହେଲା ଜଳଯାତ୍ରାକେ ସୋର୍ କରିକରି ଆଏଜ୍ ଦେଶେ ଇ ଦିବସ୍ ପାଲନ୍ କରାଯାଉଛେ । ୧୯୧୯ ମସିହା ଆଝିର୍ ଦିନେ ଅନ୍ତର୍ଜାତୀୟ ବାଣିଜ୍ୟ,

ଅର୍ଥନୀତି ଆଉ ସାମୁଦ୍ରିକ୍ କ୍ଷେତ୍ରଥି ଗୁରୁତ୍ୱ ଥିବା ଏସ୍ଏସ୍ ଲୟାଲଟି ସାହାଜ୍ ଜଳଯାତ୍ରା କରିଥିଲା । ଇ ଜଳଯାତ୍ରା ବାବ୍ଦେ ସାମୁଦ୍ରିକ ଶିଳ୍ପର୍ ଗୁରୁତ୍ୱ ଆଉ ନାବିକ ମାନ୍କୁ ସମ୍ମାନିତ୍ କର୍ବାର୍ ଉଦ୍ଦେଶ୍ୟଥି ୧୯୬୪ ମସିହାନୁ ଇ ଦିବସ୍ ପାଳନ୍ କରାଯାଉଛେ । ଦେଶର୍ ୭ ହଜାର୍ ୫ ଶହ କିଲୋମିଟର୍ ସମୁଦ୍ରଖଁଡ଼ିକେ ଆର୍ଥିକ୍ କ୍ଷେତ୍ରଥି ସମୃଦ୍ଧ କର୍ବାର୍ ସହେତେ କେନ୍ଦ୍ର ସର୍କାର୍ଙ୍କର୍ ସାଗର୍ମାଳା ଯୋଜ୍ନା ଅଧୀନ୍ଥି ବନ୍ଦର୍ମାନ୍କର୍ ଆଧୁନିକୀକରଣ୍ ଆଉ ସବୁଜ ଜାହାଜ ପରିବହନ୍ ପଦକ୍ଷେପ୍କେ ତହଁକାଯାଉଛେ । ଦେଶର୍ ମୋଟ୍ ବାଣିଜ୍ୟ ପରିମାଣ୍ର ୯୫ ପ୍ରତିଶତ୍ ସାମୁଦ୍ରିକ୍ ବାଣିଜ୍ୟ କ୍ଷେତ୍ରନୁ ହେସି । ୨୦୪୭ ମସିହାତକ୍ ଭାରତ୍ ସାମୁଦ୍ରିକ୍ କ୍ଷେତ୍ରଥି ବୈଶ୍ୱିକ ନେତୃତ୍ୱ ନେବା ବଲି କେନ୍ଦ୍ର ସର୍କାର୍ ଚେରେଷ୍ଟା ଜାରି ରଖିଛନ୍ ।

ଖସାପଡ଼ା ନୀତି ପୁରୀ ସମ୍ବାଦଦାତା

ବୈଶାଖ୍ କୃଷ୍ଣପକ୍ଷ ଚତୁର୍ଥୀ ତିଥି ନ ଆଏବା କାଏଲ୍ ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀବିଗ୍ରହମାନ୍କର୍ ପଇତାଲାଗି ନୀତି ହେବା । ଦୁଇନମ୍ବର୍

ଭୋଗମଣ୍ଡପ୍ ନୀତି ଶେଷ୍ ହେବାର୍ ଉତ୍ରୁ ଇ ଗୁପ୍ତ ନୀତି ହେବା । ଦଇଦାପତି ଆଉ ଅଲ୍ଗା ସେବକ୍ମାନେ ଇ ଗୁପ୍ତନୀତିକେ ବେଲ୍ବୁଡ଼ର୍ ୬ ବଜେନୁ ରାତିର ୧୦ ବଜେ ତକ୍ କରାଯିବା । ଇ ସମିଆଥି ଶ୍ରୀଜୀଉମାନ୍କର୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ କୁହାଯାଇଛେ ।

ରଗ୍ବୀ ଚମ୍ପିଆନ୍ସିପ ଆଇ.ଆଣ୍ଡ୍.ପି.ଆର୍

ଭୁବ୍ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ଆଏବାକାଏଲ୍ଠାନୁ ୬୯ ତମ ଜାତୀୟ ବିଦ୍ୟାଲୟ ସ୍ତରୀୟ ରଗ୍ବୀ ଚମ୍ପିଆନ୍ସିପ୍ ମୁଲ୍ ହେବା । ଜାତୀୟ ବିଦ୍ୟାଲୟ ସମୂହ ଅଧୀନ୍ଥି ଥିବା ୧୭ ବଛର୍ ଆଉ ୧୪ ବଛର୍ନୁ କମ୍ ବୟସର୍ ବାଳିକ, ବାଳିକା, ଖେଲାଲିମାନ୍କୁ ନେଇକରି ଇ ଚମ୍ପିଆନ୍ସିପ୍ର ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍ଥି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଚମ୍ପିଆନ୍ସିପ୍କେ ଉଦ୍ଘାଟନ୍ କର୍ବେ ।

ପ୍ରାକୃତିକ ଗେସ୍ ମନ୍ତ୍ରଣାଳୟ ଆର୍ଏନ୍ୟୁ/ ସମ୍ବଲପୁର

ଦେଶେ ଦରକାରୀ ପରିମାଣର ପେଟ୍ରୋଲ୍, ଡିଜେଲ୍ ଆଉ ଏଲ୍ପିଜି ମହଜୁଦ୍ ରଖ୍ବାର୍କେ ସରକାର ସବୁ ବାଗିର୍ ଚେରେଷ୍ଟା କରୁଛନ୍ ବଲି ପେଟ୍ରୋଲିୟମ ଆଉ ପ୍ରାକୃତିକ ଗେସ୍ ମନ୍ତ୍ରଣାଳୟ ତର୍ଫୁ କୁହାଯାଇଛେ । ଇତାର୍ ସହେତେ ଡିଷ୍ଟ୍ରିବ୍ୟୁଟ୍ର ପାଖ୍କେ ନାଇଁ ଯାଇ କରି ଡିଜିଟାଲ୍ ମୋଡ୍ ଜରିଏ ଏଲ୍ପିଜି ସିଲିଣ୍ଡର ବୁକ୍ କର୍ବାରକେ ସରକାର ନାଗରିକମାନ୍କୁ ପରାମର୍ଶ ଦେଇଛନ୍ । ଡିଏସି ବା ଡିଜିଟାଲ୍ ମୋଡ୍ ଜରିଏ ଗଲା ଫେବୃୟାରୀ ମାସେ ୫୩ ପ୍ରତିଶତ୍ ଲୋକ୍ ବୁକ୍ କରିଥିବାର୍ ବେଲେ ଇଟା ଗଲାକାଏଲ୍ ୯୦ପ୍ରତିଶତ୍କେ ପୁହୁଁଚିଛେ ବଲି ମନ୍ତ୍ରଣାଳୟ ତର୍ଫୁ କୁହାଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେନ୍ତା ଆଏବା ୨୪ ଘଂଟାତକ୍ ଦିନର୍ ସବୁନୁ ଜହ ତାପମାତ୍ରାଥି କେନ୍‌ସି ପରିବର୍ତନ୍ ନାଇଁନ ଆଉ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ କମ୍‌ବା । ୨ ଦିନତକ୍ ରାଏଜେ ଏନ୍ତା ପାଗ୍ ଲାଗି ରହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।